## ସଂକ୍ଷେପରେ

### କପିକରି ଧରାପଡ଼ିଲେ ୮ ପରୀକ୍ଷାର୍ଥୀ

ବ୍ରହ୍ମପୁର,୨୨।୪(ତନୁଶ୍ରୀ ନାହାକ)– ଯୁକ୍ତ ୨ପରୀକ୍ଷାରେ ଗୁରୁବାର ପଦାର୍ଥ ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ହୋଇଥିଲା। ଦକ୍ଷିଣ ଓଡ଼ିଶା ଜୋନରେ ୨୦୫ଟି ପରୀକ୍ଷା କେନ୍ଦ୍ରରେ ୮ଜଣ ପରୀକ୍ଷାର୍ଥୀ କପି କରିବା ବେଳେ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ବିଜ୍ଞାନ ପରୀକ୍ଷାର୍ଥୀ ହୋଇଥିବା ବେଳେ ଜଣେ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାର୍ଥୀ। ପଦାର୍ଥ ବିଜ୍ଞାନରେ ଗଞ୍ଜାମ ଜିଲା ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ନବରଙ୍ଗପୁରରୁ ୨ ଜଣ, କୋରାପୁଟର ୨ଜଣ, ରାୟଗଡ଼ାରେ ଜଣେ, ଗଜପତିରେ ଜଣେ ପରୀକ୍ଷାର୍ଥୀ ଧରାପଡିଥିବା ଦକ୍ଷିଣ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପ ସଚିବ ଡ଼.କୁଳମଣି ଓଝା ପ୍ରକାଶ କରିଛନ୍ତି।

### ଘରୁ ଲକ୍ଷାଧିକ ଟଙ୍କା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି

ଖଲ୍ଲିକୋଟ,୨୨।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ପାରିନୂଆ ଗାଁରେ ବିଳମ୍ବିତ ରାତିରେ ଏକ ଘରୁ ଚୋରି ହୋଇଥିବା ଭେଜିପୁଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଘରର ତାଲା ଭାଙ୍ଗିବା ସହ ୨ଟି ଆଲମିରା ତାଡି କେହି ଦୁର୍ବୃତ୍ତ ୧ ଲକ୍ଷ ୨୦ ହଜାର ଟଙ୍କା ସହ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଚୋରାଇ ନେଇଛନ୍ତି। ପାରିନୂଆ ଗାଁର ମହିମା ପାଣିଗ୍ରାହୀ ଘରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ବାରିପଟ କବାଟ କଣାକରି ଘରେ ପଶି ଚୋରି କରିଥିଲେ। ସକାଳେ ମହିମା ଏହା ଦେଖି ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରଛନ୍ତି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ୧୪୯/୨୪ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଗ୍ରାମରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

### ମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ଗଞ୍ଜାମ,୨୨।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶତ୍ରୁଶୋଳ ଗ୍ରାମରେ ଥିବା ବହୁ ପୁରାତନ ଶ୍ରୀ ବାବା ମୁକ୍ତେଶ୍ୱର ମନ୍ଦିର ସହିତ ପଞ୍ଚମୁଖୀ ହନୁମାନ ଓ ଶନିଶ୍ଚର ମନ୍ଦିର ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମହୋତ୍ସବ ଉପଲକ୍ଷେ ଗୁରୁବାର ବାବା ମୁକ୍ତେଶ୍ୱର ଶୈବ ପୀଠରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତଙ୍କ କର୍ମକାଣ୍ଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗ୍ରାମର ସମସ୍ତ ମହିଳା ପୁରୁଷ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତିରେ ମହାଦେବ ମନ୍ଦିର ପରିକ୍ରମା କରି ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ପ୍ରକାଶ ଥାଉକି, ବାବା ଶୈବ ପୀଠ ଦୀର୍ଘ ୫୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନ୍ଦିର। ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ୧୩ରୁ ୨୧ ତାରିଖ ଯାଏ ଚାଲିବ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଓଡିଶାର ବିକାଶକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି

ବ୍ରହ୍ମପୁର,୨୨।୨(ନରସିଂହ ସାହୁ/ତନୁଶ୍ରୀ ନାହାକ)


ସଭା ମଞ୍ଚରେ ନେତାମାନେ ।

- ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ
- ଭାଜପାରେ ସାମିଲ ହେଲେ ପୂର୍ବତନ ବିଜେଡି କର୍ପୋରେଟର

ବ୍ରହ୍ମପୁରରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆମ୍ବପୁଆ ବିବେକ ବିହାର ପଡ଼ିଆରେ ଆୟୋଜିତ ଏହି ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇଥିଲେ। ସେ କହିଥିଲେ, ଓଡ଼ିଶାର ସର୍ବାଙ୍ଗୀନ ବିକାଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇ ବିଭିନ୍ନ ଜନ କଲ୍ୟାଣ ଯୋଜନା ବାବଦରେ ଅକୁଣ୍ଠିତ ଅନୁଦାନ ଦେଉଛନ୍ତି। ତେବେ କେନ୍ଦ୍ରୀୟ ଯୋଜନାଗୁଡ଼ିକ ରାଜ୍ୟ ସରକାର ହଡ଼ପ କରି ନିଜ ନାଁରେ ପ୍ରଚାର କରୁଥିବା ସେ କଟାକ୍ଷ କରିଥିଲେ। ସମାବେଶରେ ଭୁବନେଶ୍ୱର ଏମପି ଅପରାଜିତା ଷଡ଼ଙ୍ଗୀ, ଲେଖାଶ୍ରୀ ସାମନ୍ତସିଂହାର, ସାରଦା ଶତପଥୀ, ସମ୍ବିତ ପାତ୍ର ଓ ଅନ୍ୟ ରାଜ୍ୟ ନେତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୨୦୧୪ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ଆସନରୁ ପୂର୍ବତନ ମେୟର ଶିବ ଶଙ୍କର ଦାସ ଭାଜପାରୁ ପ୍ରାର୍ଥୀ ଥିଲେ। ପ୍ରଚାର ପାଇଁ ରାଜନାଥ ନୀଳକଣ୍ଠେଶ୍ୱର ମନ୍ଦିର ପଡ଼ିଆରେ ଜନ ସମାବେଶକୁ ସମ୍ବୋଧିତ କରିଥିଲେ। ତେଣୁ ସିଂଙ୍କ ଏହା ଦ୍ୱିତୀୟ ବ୍ରହ୍ମପୁର ଗସ୍ତ ଥିଲା। ସମାବେଶରେ ନିକଟକରେ ଭାଜପାରେ ସାମିଲ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେ ଆମ୍ବପୁଆ କାଳୀ ମନ୍ଦିର ଠାରୁ ଶତାଧିକ ସମର୍ଥକଙ୍କ ଗହଣରେ ସଭାସ୍ଥଳକୁ ଯାଇଥିଲେ। ଭାଷଣ ପ୍ରସଙ୍ଗରେ ବିଜେଡି ସରକାର ହଟାଅ ଅଭିଯାନ ହିଞ୍ଜିଳିକାଟୁରୁ ଆରମ୍ଭ ହୋଇ ଭୁବନେଶ୍ୱରରେ ଶେଷ ହେବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ହୋଇଥିବା ମିଶ୍ରଣ ପର୍ବରେ ବିଏମସି ପୂର୍ବତନ ବିଜେଡି କର୍ପୋରେଟର କେ. ଅନୀଲ କୁମାର ଓ ଜୋପାଳ ରେଡ଼ି, ପୂର୍ବତନ ସ୍ୱାଧୀନ କର୍ପୋରେଟର ଅଶୋକ ଶୁକ୍ଳ, ଜିଲା ଯୁବ ବିଜେଡିର ପ୍ରାକ୍ତନ ସଭାପତି ଧନଞ୍ଜୟ ରାଓଙ୍କ ସମେତ ବହୁ ସଂଖ୍ୟକ ପ୍ରଦୀପ ସମର୍ଥକ ପଦ୍ମ ଦଳରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ରାଜନାଥ ଓ ମନମୋହନ ସ୍ୱାଗତ ଜଣାଇଥିଲେ। ସଂକଳ୍ପ ସମାବେଶରେ ଜିଲା ସଂଗଠନର ସଭାପତି ସୁବାସ ସାହୁ, ପୂର୍ବତନ ସଭାପତି ବିଭୂତି ଜେନା ଓ କାହ୍ନୁ ଚରଣ ପତିଙ୍କ ସମେତ ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ସଭାପତି ଶିବ ନାୟକ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ୧୦ ନର୍ସିଂ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

ବ୍ରହ୍ମପୁର,୨୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହର ନିକଟ ଚଣ୍ଡିପଦର କସ୍ତୁରବା ନର୍ସିଂ କଲେଜ ହଷ୍ଟେଲର ୧୦ ଛାତ୍ରୀ ଗୁରୁବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ସୂଚନା ମିଳିଛି। ଛାତ୍ରୀମାନେ ଖାଇଥିବା କୌଣସି ଖାଦ୍ୟରୁ ଏଭଳି ହୋଇଥିବା ଡାକ୍ତର ପ୍ରକାଶ କରିଛନ୍ତି। ସେପଟେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ପ୍ରକାରେ ଏକ ସ୍ୱାସ୍ଥ୍ୟ ଟିମ୍ କଲେଜ ହଷ୍ଟେଲରେ ପହଞ୍ଚି ଖାଦ୍ୟ ନମୁନା ଓ ପାଣି ସଂଗ୍ରହ କରିଛନ୍ତି। ତାହା ପରୀକ୍ଷା ପାଇଁ ପଠାଯିବ ବୋଲି ଉକ୍ତ ଟିମ୍ ପ୍ରକାଶ କରିଛି। ରିପୋର୍ଟ ଆସିବା ପରେ ଖାଦ୍ୟ ଓ ପାଣିରେ କ'ଣ ସମସ୍ୟା ରହିଛି ତାହା ଜଣାପଡିବ।

ବୁଧବାର ରାତିରେ ଛାତ୍ରୀମାନେ ଖାଇସାରି ଶୋଇଥିଲେ। ଗୁରୁବାର ସକାଳେ ହଠାତ୍ କେତେଜଣ ଛାତ୍ରୀ ବାନ୍ତି କରିଥିଲେ। ପରେ ହଷ୍ଟେଲରେ ଝାଡାବାନ୍ତି ବ୍ୟାପିଥିଲା। ପ୍ରାୟ ୧୦ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ। କଲେଜ ଅଧ୍ୟକ୍ଷା ପ୍ରଫେସର ସୁଜାତା ଶତପଥୀ କହିଛନ୍ତି, ହଷ୍ଟେଲରେ ୧୫୦ରୁ ଅଧିକ ବିଦ୍ୟାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ ଅସୁସ୍ଥ ଅନୁଭବ କରିବାରୁ କଲେଜ ବସରେ ଅଣାଯାଇ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ହେବାରୁ ପୁଣି ହଷ୍ଟେଲକୁ ନିଆଯାଇଛି।

# ମାତୃଭାଷା ବଞ୍ଚାଇବାକୁ ସଂଗ୍ରାମ ଜାରି ରହିଛି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୨।୨(ସ୍ମୃତି ରଞ୍ଜନ ମହାଲିକ)

ବିଶ୍ୱଭାରତୀ ସାଂସ୍କୃତିକ ବିକାଶ ଓ ଅନୁସନ୍ଧାନ ସମିତି ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଅବସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତପନ କୁମାର ପାଢ଼ିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ଲଳିତ କୁମାର ପାଢ଼ି, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶିକ୍ଷାବିତ ଡ ସୁଦେଶ ସୁନ୍ଦର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ଡ ବିଶ୍ୱନାଥ ମଲିକ, ଉତ୍କଳ ସମ୍ମିଳନୀ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ଓ ସାଂସ୍କୃତିକ ବିକାଶ ଓ ଅନୁସନ୍ଧାନର ସଂପାଦକ ସୁବ୍ରତ କୁମାର ରଥ ଯୋଗ ଦେଇଥିଲେ। ବିଶ୍ୱର ପ୍ରତ୍ୟେକଙ୍କ ମାତୃଭାଷାକୁ ବଞ୍ଚାଇ ରଖିବା ପାଇଁ ଅହରହ ସଂଗ୍ରାମ ଜାରି ରଖିଛି। ତଥାପି ଅନେକ ଭାଷା ସମୟକ୍ରମେ ଲୋପ ପାଉଛି। ବିଶ୍ୱ ସ୍ତରରେ ଏହା ଏକ ଚିନ୍ତାର କାରଣ। ଏହାର ନିରାକରଣ ପାଇଁ ବିଶ୍ୱ ନେତୃବୃନ୍ଦ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ଅବସରରେ ରମେଶ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଚିତ୍ତ ରଞ୍ଜନ ପଣ୍ଡା, ଇଂ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ମନୋଜ କୁମାର ପାଢ଼ିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୨।୨(ସୁବାସ ଚନ୍ଦ୍ର ପାଢ଼ୀ)

**ଯୁବତୀଙ୍କୁ ବଳାତ୍କାର ମାମଲା**

ଫାଷ୍ଟଟ୍ରାକ ପୋକସୋ ଜଜ ଗଣେଶ୍ୱର ପତି ଏକ ବଳାତ୍କାର ମାମଲାର ଗୁରୁବାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ବିଚାର ବେଳେ ପ୍ରମାଣ ଅଭାବରୁ ମାମଲାର ଅଭିଯୁକ୍ତ କେ. ନୂଆଗାଁ ଥାନା ଅଞ୍ଚଳର ବିକ୍ରମ ସାହୁଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ବିକ୍ରମ ୨୦୨୩ ମାର୍ଚ୍ଚ ୨୩ ତାରିଖରେ ଜଣେ ୨୦ବର୍ଷର ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବାଳକୁମାରୀ ମନ୍ଦିର ନେଇଥିଲେ। ସେଠାରେ ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ। କିଛିଦିନ ପରେ ସେ ତାଙ୍କୁ ହାଇଦ୍ରାବାଦ ନେଇ ଯାଇଥିଲେ। ସେଠାରେ ଏକ ଘର ଭଡା ନେଇ ତାଙ୍କୁ ରଖିଥିଲେ। ଯୁବତୀ ଜଣଙ୍କ ବିବାହ କରିବାକୁ ଜିଦ କରିବାରୁ ସେ ବାହାନା କରି ନିଜ ଘର ଚିକିଟି ଆସିଯାଇଥିଲେ। ପରେ ଯୁବତୀ ଜଣଙ୍କ ସେଠାରୁ ଫେରି ବିକ୍ରମଙ୍କ ଘରେ ପହଞ୍ଚିଥିଲେ। ତାଙ୍କ ଭାଇ, ମା ମିଶିକରି ନାବାଳିକାଙ୍କୁ ମାଡ ମାରିବା ସହ ଘରୁ ତଡି ଦେଇଥିଲେ। ପରେ ପ୍ରତାରଣାର ଶିକାର ହୋଇଥିବା ପୀଡ଼ିତା ଜଣଙ୍କ ଏନେଇ କେ. ନୂଆଗାଁ ଥାନାରେ ୨୦୨୩ ଅଗଷ୍ଟ ୧୪ ଅଭିଯୋଗ କରିଥିଲେ। ପୋଲିସ ୩୦୫/୨୩ ରେ ଏକ ମାମଲା ରୁଜୁ କରିଥିଲା। ଫେରାର ଥିବା ଅଭିଯୁକ୍ତ ବିକ୍ରମଙ୍କୁ ପୋଲିସ ସେପ୍ଟେମ୍ବର ୧୪ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଚିକିଟି ଏସଡ଼ିପିଓ ତଥା ତଦନ୍ତକାରୀ ଅଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ବିକ୍ରମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ପ୍ରଧାନ ମକଦ୍ଦମା ପରିଚାଳନା କରିଥିଲେ।

## କଂଗ୍ରେସର ପୂର୍ବ ଗୌରବ ଫେରିବା ଆଶା: ଜିଲା (ପଶ୍ଚିମ) ସଭାପତି

ଆସିକା,୨୨।୨(ସୁରେନ୍ଦ୍ରନାଥ ସାହୁ)

ଏକଦା ଗଞ୍ଜାମ ଜିଲାରେ ବିଶେଷକରି ଆସିକାରେ କଂଗ୍ରେସ ତାର ଉପସ୍ଥିତି ଜାହିର କରି ଆସିଥିଲା । ବର୍ତ୍ତମାନ ସେହି ସ୍ଥିତି ନ ଥିଲେ ମଧ୍ୟ ଦଳର ପୂର୍ବ ଗୌରବକୁ ଫେରାଇ ଆଣିବା ଲାଗି ଉଦ୍ୟମ ଜାରି ରହିଛି ବୋଲି ଜିଲା କଂଗ୍ରେସ (ପଶ୍ଚିମ) ସଭାପତି ରବୀନ୍ଦ୍ର ନାଥ ଶର୍ମା ମତବ୍ୟକ୍ତ କରିଛନ୍ତି। ଗୁରୁବାର ଶର୍ମାଙ୍କ ବାସଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳର ପୁରୁଖା ନେତା ଓ ସଂଗଠକଙ୍କ ସାଙ୍ଗକୁ ଯୁବ କଂଗ୍ରେସ ଓ ମହିଳା କଂଗ୍ରେସକୁ ନେଇ ଦଳର ସାଂଗଠନିକ ଅଭିବୃଦ୍ଧି ଲାଗି ଉଦ୍ୟମ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି। ଆଗାମୀ ନିର୍ବାଚନରେ ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ଆଲୋଚନା ଓ ଗୁଜବ ତାଙ୍କ ଦୃଷ୍ଟିକୁ ଆସିଛି। ଏ ସମ୍ପର୍କରେ ସେ ପ୍ରକାଶ କରିଥିଲେ ପ୍ରାର୍ଥୀ ଚୟନ ଜିଲା ବା ପ୍ରଦେଶ କଂଗ୍ରେସ ହାତରେ ନାହିଁ। ଅଖିଳ ଭାରତ କଂଗ୍ରେସ କମିଟି ବିଧାନସଭା ଓ ଲୋକସଭା ଲାଗି ପ୍ରାର୍ଥୀ ଚୟନ କରିବେ। ପ୍ରଦେଶ କଂଗ୍ରେସର ମତାମତ ନେଲେ ମଧ୍ୟ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଏ.ଆଇ.ସି.ସି. ପକ୍ଷରୁ ଦରଖାସ୍ତକାରୀଙ୍କ ସାଂଗଠନିକ ଦକ୍ଷତା ସାଙ୍ଗକୁ ବିଜୟ ସମ୍ଭାବନା, ଏପରିକି ପ୍ରାର୍ଥିତ୍ୱ ଲାଗି ରହିଥିବା ବିଭିନ୍ନ ବିଷୟ ପ୍ରତି ଦୃଷ୍ଟି ଦେଇ ପ୍ରାର୍ଥୀ ଚୟନ କରାଯିବ ବୋଲି ରବୀନ୍ଦ୍ର କହିଛନ୍ତି। ତେବେ ଦଳ ମଧ୍ୟରେ ରହିଥିବା ମନାନ୍ତର ଓ ମତାନ୍ତର ବୋଲି ସମସ୍ତେ ଦଳୀୟ ସ୍ୱାର୍ଥ ଲାଗି କାର୍ଯ୍ୟ କରିବା ନିମନ୍ତେ ଏ.ଆଇ.ସି.ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ବେଳେ ଦଳୀୟ ବିଶୃଙ୍ଖଳାକୁ ମଧ୍ୟ କୌଣସି ମତେ ଗ୍ରହଣ କରାଯିବ ନାହିଁ ବୋଲି ସତର୍କ କରାଇ ଦିଆଯାଇଥିବା ଶର୍ମା ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଶର୍ମାଙ୍କ ସହ ଦୁଇଜଣ ଜିଲା ସାଧାରଣ ସଂପାଦକ ଅଗସ୍ତି ବରାଡ ଓ ପ୍ରଶାନ୍ତ କୁମାର ବିଷୋୟୀ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମରୁ ୫ ପ୍ରତିଯୋଗୀ


ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିବା ପ୍ରତିଯୋଗୀ।

ବ୍ରହ୍ମପୁର,୨୨।୪(ତନୁଶ୍ରୀ ନାହାକ)

ଆଇବିବିଏଫ ପକ୍ଷରୁ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଜେପିଆର ବିଶ୍ୱବିଦ୍ୟାଳୟ ଠାରେ ୧୪ତମ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିନିମନ୍ତେ ଗୁରୁବାର ଗଞ୍ଜାମ ଜିଲା ଆମେଚୋର ବଡ଼ି ବିଲ୍ଡିଂ ସଂଘ ପକ୍ଷରୁ ୫ କ୍ରୀଡ଼ାବିତ୍ କର୍ନାଟକ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ମହିଳା ପୁରୁଷ, ଦିବ୍ୟାଙ୍ଗ,ସ୍ପୋର୍ଟ୍ସ ମଡ଼ଲ, ମେନ୍ସ ଫିଜିକ୍ସ,ମାଷ୍ଟର୍ସ, ଦିବ୍ୟାଙ୍ଗ ଭଳି ୭ଟି ବର୍ଗରେ କ୍ରୀଡ଼ା ଅନୁଷ୍ଠିତ ହେବ। ଏଥିରେ ଗଂଜାମର ପ୍ରତିଯୋଗୀଙ୍କ ମଧ୍ୟରୁ ମହିଳା ପ୍ରତିଯୋଗୀ ଶୁଭଶ୍ରୀ ସାହୁ ମଡ଼େଲ ସ୍ପୋର୍ଟ, ସୌମ୍ୟ ରଂଜନ ଶତପଥୀ ମେନ୍ସ ଫିଜିକ୍ସ ଜୁନିୟର, ଶୁଭ୍ରାଂଶୁ ଶେଖର ତ୍ରିପାଠୀ ଜୁନିୟର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ସେହିପରି ମାଷ୍ଟର୍ସ ବର୍ଗରେ ମଦନ ସାହୁ, ଲବ କୁମାର ନାୟକ ପ୍ରତିଯୋଗୀତା କରିବେ। ସୁଚନାଯୋଗ୍ୟଯେ, ପ୍ରତିଯୋଗୀ ମାନେ ଗତ ୧୮ ଓ ୧୯ ଖଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ନିଜ ନିଜ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀଙ୍କ ସହ ଜିଲା ବଡ଼ି ବଲ୍ଡିଂ ପକ୍ଷରୁ କୋଚ ଓ ମ୍ୟାନେଜର ଭାବେ ଅମିତ ବେହେରା ଓ ଜଲାଲ ଖାନ ପ୍ରତିଯୋଗୀଙ୍କ ସହ କର୍ନାଟକ ଅଭିମୁଖେ ଯାତ୍ରା କରିଛନ୍ତି।

# ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଭତ୍ତା ବଣ୍ଟନ କରାଯାଉଛି।

ଛତ୍ରପୁର,୨୨।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକସ୍ତରରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ ହୋଇଛି। ବ୍ଲକ କର୍ଯ୍ୟାଳୟ ପରିସରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ କିରଣ କୁମାରୀ ଦାସ, ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ ଅତିଥିଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୧,୪୫୧ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି । ଏମାନଙ୍କୁ ରାଜ୍ୟ ସରକାର ନିକଟରେ ଘୋଷଣା କରିଥିବା ୧ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ବିଡ଼ିଓ ସୁଶାନ୍ତ ବରାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ମୋହନ ସେନାପତି, ଏସଏସଓ ପି. ପଦ୍ମା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ପ୍ରତି ପଞ୍ଚାୟତରୁ ୧୦ ଜଣ ଲେଖାଏଁ ନୂତନ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିବା ବେଳେ ୨୫ ତାରିଖ ସୁଦ୍ଧା ସମସ୍ତ ନୂତନ ହିତାଧିକାରୀ ଭତ୍ତା ପାଇବେ ବୋଲି ସୂଚନା ଦିଆଯାଇଛି।

# ବେଲଗୁଣ୍ଠାରେ ଗଣିତ, ଇଂରାଜୀ ତାଲିମ ଶିବିର ଉଦ୍‌ଯାପିତ


ଶିବିରରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

ବେଲଗୁଣ୍ଠା,୨୨।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଇଁରାଜୀ ଏବଂ ଗଣିତ ବିଷୟରେ ତାଲିମ୍ ପ୍ରଦାନ କରାଯାଇଛି। ଦୁଇ ପର୍ଯ୍ୟାୟ ବିଶିଷ୍ଟ ଏହି ଦୁଇ ଦିନିଆ ଡାଫୋଡିଲ୍ ଏବଂ ଗଣିତାମୃତ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗଣିତ ବିଷୟ ପାଇଁ ଗଣିତାମୃତ ତାଲିମ୍ ବେଲଗୁଣ୍ଠା ବ୍ଲକର ଗୋବରା ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବେଲଗୁଣ୍ଠା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ ଗୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଇଁରାଜୀ ବିଷୟରେ ଡାଫୋଡିଲ୍ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ ତାଲିମ୍ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିଥିଲେ। ଓସିଆର୍‌ସିସି ବିଦେଶୀ ବାଡ଼ତ୍ୟା, ନୀଳକଣ୍ଠ ନନ୍ଦ, ପ୍ରଶାନ୍ତ କୁମାର ପଟ୍ଟନାୟକ ଏବଂ ମନୋଜ କୁମାର ପଟ୍ଟନାୟକ ତାଲିମ୍ କେନ୍ଦ୍ର ଗୁଡ଼ିକୁ ପରିଚାଳନା କରିଥିଲେ। ଗଣିତ ସାଧନ କର୍ମୀ ଭାବେ ସିଆର୍‌ସିସି ଛାୟାକାନ୍ତ ମହାପାତ୍ର, ହରେକୃଷ୍ଣ ଶତପଥି, ରମେଶ ଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ନାୟକ, ଶିକ୍ଷକ କେଦାର ନାଥ ନାୟକ ଏବଂ ଅମରେନ୍ଦ୍ର ନନ୍ଦ ଗଣିତାମୃତ ତାଲିମ୍ ପ୍ରଦାନ କରିଥିବା ବେଳେ ଶିକ୍ଷକ ନରେଶ ବ୍ରହ୍ମା, ପ୍ରସନ୍ନ କୁମାର ପ୍ରଧାନ, ସତ୍ୟନାରାୟଣ ପ୍ରଧାନ, କାର୍ତ୍ତିକ ସେଠୀ, ପ୍ରସନ୍ନ କୁମାର ପ୍ରଧାନ ଡାଫୋଡିଲ୍ ତାଲିମ୍ ପ୍ରଦାନ କରିଥିଲେ।

# ଆଦିବାସୀ ଗାଁକୁ ରାସ୍ତା, ବିଜୁଳି ଦାବିରେ ଆର୍‌ଡିସିଙ୍କୁ ସ୍ମାରକପତ୍ର

ବ୍ରହ୍ମପୁର,୨୨।୨(ସ୍ମୃତି ରଞ୍ଜନ ମହାଲିକ)



ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀ ଗାଁ ଲୋକେ।

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଗାୟଗଣ୍ଡା ଗ୍ରାମ ପଞ୍ଚାୟତର ତାଳଖମଣ, ମଣ୍ଡାପଥର, ଡାଙ୍ଗି ଭୂଇଁ ଭଳି ଆଦିବାସୀ ଗାଁକୁ ରାସ୍ତା, ବିଜୁଳି ଆଲୁଅ ଏବଂ ପାନୀୟ ଜଳ ସାତସପନ ହୋଇଛି। ସେହିପରି ରଡାପଦର ଗ୍ରାମ ପଞ୍ଚାୟତର ଡେଲିଙ୍ଗିପଦର ଆଦିବାସୀ ଗାଁକୁ ରାସ୍ତା ନାହିଁ। ଉକ୍ତ ଗାଁ ଗୁଡିକୁ ଖଟିଆରେ ଗର୍ଭବତୀ, ରୋଗୀଙ୍କୁ ବୁହା ହେଉଛି। ରାସ୍ତା ପାଇଁ ପ୍ରାଥମିକ ଶିକ୍ଷା ବନ୍ଦ କରିବାକୁ ଛାତ୍ରୀଛାତ୍ରମାନେ ବାଧ୍ୟ ହେଉଛନ୍ତି। ଏଭଳି ସମସ୍ୟାକୁ ନେଇ ଗୁରୁବାର ବହୁ ସାମାଜିକ କର୍ମୀ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ୨୦୧୬ରେ କ୍ରାନ୍ତିକାରୀ କୃଷକ ସଭା ନେତୃତ୍ୱରେ ମୌଳିକ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ ପରେ ଉକ୍ତ ଗ୍ରାମ ଗୁଡିକରେ ୭ ଦିନ ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ବୁରୁଡୁଙ୍ଗି, କାଳିଆଝୋଲା, କିମ୍ବରଖଣି ଓ ବନ୍ୟା ସାହିର କାର୍ଯ୍ୟ ହୋଇଥିଲା। କିନ୍ତୁ ତାଳ ଖମଣ, ମଣ୍ଡାପଥର, ଡାଙ୍ଗି ଭୂଇଁ ଓ ଡେଲିଙ୍ଗିପଦର ପ୍ରତି ଅବହେଳା କରି ଆଜି ଯାଏଁ ରାସ୍ତା ଓ ବିଜୁଳି ଆଲୁଅ ବ୍ୟବସ୍ଥା ହୋଇ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୨୬ ତାରିଖଠାରୁ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ବରିଷ୍ଠ ଆଇନଜୀବୀ ଭଗବାନ ସାହୁ, ମାନବ ଅଧିକାର ସୁରକ୍ଷା ମଂଚର ଆବାହକ ଅବନୀ ଗୟା, ବିଶିଷ୍ଟ ଲେଖିକା ବିଦ୍ୟୁତ ପ୍ରଭା ରଥ, ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସଂପାଦକ ଶଙ୍କର ସାହୁ ଓ ଆଦିବାସୀ ଭାରତ ମହାସଭାର ରାଜ୍ୟ ସଂପାଦକ ଟୁନା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

